# ଶିଖିବାର ଅଧିକାର (ଲାଇସେନ୍ସ ଟୁ ଲର୍ଣ)କୁ ଛାତ୍ରଛାତ୍ରୀମାନେ ସବୁବେଳେ ବ୍ୟବହାର କରିବା ଆବଶ୍ୟକ : ସାଂସଦ ବୈଜୟନ୍ତ ପଣ୍ଡା

ଭୁବନେଶ୍ୱର,୫/୯ : ସାରା ଜୀବନ ପାଇଁ ଛାତ୍ରଛାତ୍ରୀମାନଙ୍କୁ ଶିଖିବାର ଅଧିକାର (ଲାଇସେନ୍ସ ଟୁ ଲର୍ଣ) ମିଳିଥାଏ ଆଉ ଏହି ଅଧିକାରର ସୁଯୋଗ ସେମାନେ ସବୁବେଳେ ନେବା ଉଚିତ୍ ବୋଲି ବିଶିଷ୍ଟ ଶିଳ୍ପପତି ତଥା ସାଂସଦ ବୈଜୟନ୍ତ ପଣ୍ଡା କହିଛନ୍ତି । ରବିବାର ବିଶ୍ୱାସ ଗ୍ରୁପର ବିବେକାନନ୍ଦ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍‌ନୋଲୋଜି ପକ୍ଷରୁ ଏହାର ଛତାବରସ୍ଥିତ କ୍ୟାମ୍ପସଠାରେ ବି.ଟେକ୍ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଆୟୋଜିତ ଓରିଏଣ୍ଟେସନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ପଣ୍ଡା ଏହା କହିଥିଲେ ଯେ ର  ଛାତ୍ରଛାତ୍ରୀମାନଙ୍କ ପାଖରେ ଶିକ୍ଷାପାଇଁ ଖୋଲାମନ ଏବଂ ପ୍ରଶ୍ନ ପଚାରି ସନ୍ଦେହ ଦୂର କରିବା ମନୋଭାବ ରହିବା ଆବଶ୍ୟକ ।

ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ଇଣ୍ଡିଆନ ଟେକ୍ନୋକ୍ରାଫ୍ଟ ର ବରିଷ୍ଠ ଅଧିକାରୀ ଦେବଦାସ ସାମନ୍ତରାୟ କହିଥିଲେ ଯେ ଛାତ୍ରଛାତ୍ରୀଙ୍କ ଜୀବନରେ କ୍ୟାରିୟର, କ୍ୟାପାସିଟି (ଦକ୍ଷତା) ଏବଂ କ୍ୟାରେକ୍ଟର (ଚରିତ୍ର) ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଦେଶର ସାଂପ୍ରତିକ ଅର୍ଥନୈତିକ ପରିସ୍ଥିତିରେ ଇଂଜିନିୟରିଂ ଛାତ୍ରମାନେ ସୃଜନାତ୍ମକ ଭାବନା (ଇନୋଭେଟିଭ୍ ଆଇଡିଆ) ନେଇ କାର୍ଯ୍ୟ କରିବା ଉଚିତ୍ ବୋଲି ସେ କହିଥିଲେ ।

ଅନ୍ୟତମ ସମ୍ମାନୀତ ଅତିଥିଭାବେ ଯୋଗ ଦେଇ କଳିଙ୍ଗସଫ୍ଟର ସି.ଇ.ଓ ଶ୍ରୀଜିତ ମିଶ୍ର ଛାତ୍ରଛାତ୍ରୀମାନଙ୍କୁ  ନିଜର କ୍ୟାରିୟର ଉପରେ ଅଧିକ ଫୋକସ ଦେବା ପାଇଁ କହିଥିଲେ ।

ବିଶ୍ୱାସ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟ୍ସ ର ଅଧକ୍ଷା ଶ୍ରୀମତୀ ପ୍ରତିମା  ଘଡାଇ ଅତିଥି ମାନଙ୍କୁ ମାନପତ୍ର (ମେମେଣ୍ଟୋ) ଓ ନୂତନ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା କିଟ୍ ପ୍ରଦାନ କରିଥିଲେ । ଏହି ଅବସରରେ ପ୍ରଫେସର ବି ବି ସ୍ୱାଇଁଙ୍କ ପୁସ୍ତକ ଏବଂ ବିଶ୍ୱାସ ଗ୍ରୁପର ମୁଖପତ୍ର "ଭିସେଜ"ର ସେପ୍ଟେମ୍ବର ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ ।

କଲେଜର ଅଧ୍ୟକ୍ଷ ଡଃ ରାଜୀବ ମହାପାତ୍ର  ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଶିକ୍ଷା ସହ ଜଣେ ଉତ୍ତମ ଛାତ୍ର ହେବା ପାଇଁ ଆହ୍ୱାନ ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ ବିଶ୍ୱାସ କଲେଜର  ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମେତ ଡିନ୍ ପ୍ରଫେସର ବି.ବି.ସ୍ୱାଇଁ, ଅଧକ୍ଷ ଡଃ ରାଜୀବ ମହାପାତ୍ର,  ପ୍ରଫେସର ଡଃ ଚିଦାନନ୍ଦ ପାତ୍ର,ରାଜ୍ୟ ଫିଜିକ୍ସ ଅଲମ୍ପିଆଡ ସଂଯୋଜକ ପ୍ରଫେସର ଅରବିନ୍ଦ ଦାସ,  ପ୍ରଫେସର ତ୍ରିଲୋଚନ ବିଶ୍ୱାଳ ପ୍ରମୁଖ ଯୋଗଦେଇ  ଇଞ୍ଜିନିୟରିଂର ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ ।

ନଳୀନ ପାତ୍ର.

ଡାଇରେକ୍ଟର, କମ୍ୟୁନିକେସନ,ବିଶ୍ୱାସ